بسم الله الرحمٰن الرحيم

ଖୁତବା ଜୁମା ୨୦ ସେପ୍ଟେମ୍ବର ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ବାସବର୍ଦ୍ଧକ, ପ୍ରଶଂସନୀୟ ଗୁଣାବଳୀର ହୃଦୟଦ୍ରାବୀ ଓ ମନମୁଗ୍ଧକର ଚର୍ଚ୍ଚା ।

ତଶହ୍ହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ଼୍ କହିଲେ : ବଦରୀ ସାହାବାମାନଙ୍କ ମଧ୍ୟରୁ ଆଜି ଯେଉଁ ସାହାବାମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ପ୍ରଥମ ସାହାବୀ ହେଉଛନ୍ତି **ହଜ଼ରତ ୟଜ଼ିଦ ବିନ୍ ରୁକୈଶ** । ହଜ଼ରତ ୟଜ଼ିଦ ବଦର, ଓହୋଦ, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ ହୋଇଥିଲେ । ହଜ଼ରତ ୟଜ଼ିଦ ବଦର ଯୁଦ୍ଧରେ '**ତେି**' ସଂପ୍ରଦାୟର ଜଣେ ବ୍ୟକ୍ତି ଯାହାର ନାମ ଅମ୍ର ବିନ୍ ସୁଫିୟାନ ଥିଲା ତାହାକୁ ବଧ କରିଥିଲେ । ହଜ଼ରତ ୟଜ଼ିଦ ର.ଅ ୟମାମା ଯୁଦ୍ଧରେ ୧୨ ହିଜରୀରେ ବୀରଗତି ପ୍ରାପ୍ତ କରିଥିଲେ। ଏହି ଯୁଦ୍ଧର ବିବରଣୀ ଏହି ପ୍ରକାର ଅଟେ ବା ଯଥାକ୍ରମେ;-

ୟମାମା ଯୁଦ୍ଧ ହଜ଼ରତ ଅବୁବକର ର.ଅ ଶାସନକାଳରେ ୧୧ ହିଜରୀରେ ମୁସୈଲମା କଜ୍ଜାବ୍ ବିରୁଦ୍ଧରେ ୟମାମା ନାମକ ସ୍ଥାନରେ ଯୁଦ୍ଧ ହୋଇଥିଲା । ହଜ଼ରତ ଅବୁବକର ର.ଅ ହଜ଼ରତ ଇକ୍ରମା ବିନ୍ ଅବୁ ଜହଲର ନେତୃତ୍ୱରେ ଏକ ସୈନ୍ୟ ଦଳକୁ ମୁସୈଲମା ବିରୁଦ୍ଧରେ ପ୍ରେରଣ କରିଥିଲେ । ତାଙ୍କ ପଛେ ତାଙ୍କୁ ସହଯୋଗ କରିବା ପାଇଁ ହଜ଼ରତ ଶରଜିଲ ବିନ୍ ହସନା ର.ଅଙ୍କ ନେତୃତ୍ୱରେ ଏକ ସୈନ୍ୟ ଦଳକୁ ପ୍ରେରଣ କରିଥିଲେ । କାରଣବଶତଃ ହଜ଼ରତ ଇକ୍ରମା ର.ଅ ହଜ଼ରତ ଶରଜିଲ ର.ଅଙ୍କ ପହଞ୍ଚିବା ପୂର୍ବରୁ ମୁସୈଲମା ସହିତ ଯୁଦ୍ଧ ଆରମ୍ଭ କରିଦେଇଥିଲେ। କିନ୍ତୁ ମୁସୈଲମା ଠାରୁ ସେ ପରାସ୍ତ ହୋଇଥିଲେ। ଯେତେବେଳେ ଉକ୍ତ ଘଟଣାର ସୂଚନା ହଜ଼ରତ ଶରଜିଲ ର.ଅଙ୍କୁ ପ୍ରାପ୍ତ ହେଲା ସେତେବେଳେ ସେ ପଥରେ ହିଁ ଅଟକି ଯାଇଥିଲେ। ହଜ଼ରତ ଇକ୍ରମା ନିଜର ଘଟଣା ବୃତ୍ତାନ୍ତ ସଂପର୍କରେ ହଜ଼ରତ ଅବୁ ବକର ର.ଅଙ୍କୁ ପତ୍ର ମାଧ୍ୟମରେ ଜଣାଇଲେ । ସେତେବେଳେ ହଜ଼ରତ ଅବୁବକର ର.ଅ ତାଙ୍କୁ ପତ୍ର ଲେଖି କହିଲେ ଯେ, ତୁମେ ମଦିନାକୁ ପ୍ରତ୍ୟାବର୍ତ୍ତନ କର ନାହିଁ । କାରଣ ଏହା ଦ୍ୱାରା ଲୋକମାନଙ୍କ ମଧ୍ୟରେ କେବଳ ଭୀରୁତା ସୃଷ୍ଟି ହେବ ନାହିଁ ବରଂ ତୁମେ ନିଜର ସୈନ୍ୟକୁ ଧରି ଅମ୍ମାନ ବାସୀ ଓ ମେହରାର ବିଦ୍ରୋହୀଙ୍କ ସହିତ ଯାଇ ଯୁଦ୍ଧ କର । ଏହାପରେ ୟମନ ଓ ହଜ଼ର ମୌତର ବିଦ୍ରୋହୀମାନଙ୍କ ସହିତ ଯାଇ ଯୁଦ୍ଧ କର । ହଜ଼ରତ ଅବୁ ବକର ର.ଅ ହଜ଼ରତ ଶରଜିଲ ର.ଅଙ୍କୁ ଲେଖିଲେ ଯେ, ତୁମେ ହଜ଼ରତ ଖାଲିଦ ବିନ୍ ୱଲିଦ ର.ଅଙ୍କ ଆସିବା ପର୍ଯ୍ୟନ୍ତ ନିଜ ସ୍ଥାନରେ ରୁହ । ହଜ଼ରତ ଅବୁବକର ର.ଅ ହଜ଼ରତ ଖାଲିଦ ର.ଅଙ୍କୁ ମୁସୈଲମା କଜ୍ଜାବ୍ ମୁକାବିଲା ନିମନ୍ତେ ପ୍ରେରଣ କରିଥିଲେ ଏବଂ ତାଙ୍କ ସହିତ ପ୍ରବାସକାରୀ ତଥା ଅନସାରମାନଙ୍କର ଏକ ବିଶାଳ ସୈନ୍ୟବାହୀନି ପ୍ରେରଣ କରିଥିଲେ । ଅନସାର ସଂପ୍ରଦାୟର ନେତା ହଜ଼ରତ ସାବିତ୍ ବିନ୍ କୈସ ର.ଅ ଏବଂ ପ୍ରବାସକାରୀମାନଙ୍କର ନେତା ହଜ଼ରତ ଅବୁ ହୁଜୈଫା ର.ଅ ଏବଂ ଜୈଦ ବିନ୍ ଖତ୍ତାବ ର.ଅ ଥିଲେ । ହଜ଼ରତ ଶରଜିଲ ର.ଅ ହଜ଼ରତ ଖାଲିଦ ର.ଅଙ୍କ ଆସିବା ପୂର୍ବରୁ ଯୁଦ୍ଧ ଆରମ୍ଭ କରି ପରାଜିତ ହୋଇଥିଲେ । ହଜ଼ରତ ଅବୁ ବକର ର.ଅ ହଜ଼ରତ ଖାଲିଦ ର.ଅଙ୍କ ନିମନ୍ତେ ହଜ଼ରତ ସୁଲୈତ ର.ଅଙ୍କ ନେତୃତ୍ୱରେ ଅତିରିକ୍ତ ସୈନ୍ୟ ଦଳ ପ୍ରେରଣ କରିଥିଲେ । କାରଣ ସେମାନଙ୍କ ଉପରେ ଶତ୍ରୁ ଯେପରି ପଛପଟୁ (ଯେମିତି କେହି) ଆକ୍ରମଣ କରି ନପାରୁ । କୁହାଯାଏ ଯେ, ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ସୈନ୍ୟ ଦଳର ସଂଖ୍ୟା ୧୩୦୦୦ ଥିଲା । ଅନ୍ୟପଟରେ ମୁସୈଲମା କଜ଼ଜାବର ସୈନ୍ୟ ସଂଖ୍ୟା ୪୦୦୦୦ ରହିଥିଲା। ଯେତେବେଳେ ମୁସୈଲମାକୁ ଜ୍ଞାତ ହୋଇଗଲା ଯେ, ହଜ଼ରତ ଖାଲିଦ ର.ଅ ନିକଟତର ହୋଇ ଯାଇଛନ୍ତି । ସେତେବେଳେ ସେ '**ଇକରବା**' ନାମକ ସ୍ଥାନରେ ଶିବର ସ୍ଥାପନ କରି ଲୋକମାନଙ୍କୁ ନିଜର ସାହାଯ୍ୟ ପାଇଁ ଡ଼ାକିବାକୁ ଲାଗିଲା । ଲୋକମାନେ ବିପୁଳ ସଂଖ୍ୟାରେ ତାହା ଆଡ଼କୁ ଆସିବାକୁ ଲାଗିଲେ । ସେହି ସମୟରେ ଯେତେବେଳେ ମଜାଆ ବିନ୍ ମୁରାରା ଗୋଟିଏ ଦଳ ସହିତ ବାହାରକୁ ବାହାରିଲା ସେତେବେଳେ ମୁସଲମାନମାନେ ତାକୁ ଏବଂ ତାହାର ସାଥୀମାନଙ୍କୁ ଧରିପକାଇଲେ । ହଜ଼ରତ ଖାଲିଦ ର.ଅ ତାହାର ସାଥୀମାନଙ୍କୁ ବଧ କଲେ ଏବଂ ମଜାଆକୁ ଜୀବିତ

ରଖିଲେ । କାରଣ ବନୁ ହନିଫା ସଂପ୍ରଦାୟରେ ସେ ବହୁତ ସମ୍ମାନିତ (ବ୍ୟକ୍ତି) ହେଉଥିଲା । ମୁସୈଲମାର ପୁତ୍ର ଶରଜିଲ ବନୁ ହନିଫାକୁ ଉତ୍ତେଜିତ କରି କହିଲା ଯେ, ଆଜି ସ୍ୱାଭିମାନର ଦିନ ଅଟେ । ଯଦି ଆଜି ତୁମେ ପରାଜୟ ବରଣ କର ତେବେ ତୁମର ମହିଳାମାନେ ବା ସ୍ତ୍ରୀମାନେ ଦାସୀ ହେବାକୁ ବାଧ୍ୟ ହେବେ ବା ହୋଇଯିବେ । ତେଣୁ ଆଜି ତୁମେ ନିଜର ଆତ୍ମସମ୍ମାନ ଏବଂ ପ୍ରତିଷ୍ଠା ପାଇଁ ସଂପୂର୍ଣ୍ଣ ସାହସିକତା ପ୍ରଦର୍ଶନ କର (ପରିଚୟ ଦିଅ) ଏବଂ ନିଜର ସ୍ତ୍ରୀମାନଙ୍କୁ ରକ୍ଷା ବା ସୁରକ୍ଷା ପ୍ରଦାନ କର । ସେ ଯାହାହେଉ ନା କାହିଁକି ଯୁଦ୍ଧ ଆରମ୍ଭ ହେଲା ପ୍ରବାସକାରୀଙ୍କ ଧ୍ୱଜା ହଜ଼ରତ ସାଲିମ ମୌଲା ହୁଜ଼ୈଫାଙ୍କ ପାଖରେ ରହିଥିଲା । ଯେତେବେଳେ କି ଏହା ପୂର୍ବରୁ ତାହା ଅବଦୁଲ୍ଲାଃ ବିନ୍ ହଫସ ର.ଅଙ୍କ ପାଖରେ ରହିଥିଲା କିନ୍ତୁ ସେ ବୀରଗତି ପ୍ରାପ୍ତ କରି ସାରିଥିଲେ ଏବଂ ଅନସାରମାନଙ୍କର ଧ୍ୱଜା ହଜ଼ରତ ସାବିତ ବିନ୍ କ୍ୱୈସ ର.ଅଙ୍କ ପାଖରେ ରହିଥିଲା । ଘମାଘୋଟ ଯୁଦ୍ଧ ହେଲା ଏବଂ ସେହି ଯୁଦ୍ଧ ଏପରି ଯୁଦ୍ଧ ଥିଲା ଯେ, ମୁସଲମାନମାନେ ଏପରି ଯୁଦ୍ଧର କେବହେଲେ ସମ୍ମୁଖୀନ ହୋଇ ନଥିଲେ । ଏହି ଯୁଦ୍ଧରେ ମୁସଲମାନମାନେ ପରାଜିତ ହେଲେ ଏବଂ ବନୁ ହନିଫାର ଲୋକମାନେ ମୁଜାଦାକୁ ଛଡ଼େଇବା ପାଇଁ ଆଗକୁ ଅଗ୍ରସର ହେଲେ, ଯାହାକୁ ହଜ଼ରତ ଖାଲିଦ ବନ୍ଦୀ କରିଥିଲେ । ସେ ଖାଲିଦ ବିନ୍ ୱଲିଦ ର.ଅଙ୍କ ଶିବିରକୁ ଧ୍ୱଂସ କରିବାକୁ ଇଚ୍ଛା ପ୍ରକାଶ କଲେ । ସେତେବେଳେ ହଜ଼ରତ ଖାଲିଦ ର.ଅଙ୍କ ସ୍ତ୍ରୀ ଶିବିର ମଧ୍ୟରେ ଥିଲେ । ଯେତେବେଳେ ସେହି ଲୋକମାନେ ହଜ଼ରତ ଖାଲିଦ ର.ଅଙ୍କ ପତ୍ନୀଙ୍କୁ ହତ୍ୟା କରିବା ପାଇଁ ଅଗ୍ରସର ହେଲେ ସେତେବେଳେ ମଜାଆ କହିଲେ ମୁଁ ତାକୁ ସୁରକ୍ଷା ଦେଇଅଛି । ତେଣୁ ମଜାଆ ସେମାନଙ୍କୁ ତାଙ୍କର ହତ୍ୟା କରିବାରୁ ନିବୃତ୍ତ ରଖିଲେ । ମଜାଆ ସେମାନଙ୍କୁ ପୁରୁଷମାନଙ୍କ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଲେ । ଫଳତଃ ସେମାନେ ଶିବିରକୁ ଚ୍ୟୁତକରି ଚାଲିଗଲେ । ଘୋର ଯୁଦ୍ଧ ହୋଇଗଲା ଏବଂ ବନୁ ହନିଫା ସଂପ୍ରଦାୟର ଲୋକମାନେ ମିଳିତ ହୋଇ ଉଗ୍ର ରୂପେ ଆକ୍ରମଣ କରିବାକୁ ଲାଗିଲେ । ସେହି ଦିନ କେବେ ମୁସଲମାନମାନେ ଅବିଶ୍ୱାସକାରୀଙ୍କ ଉପରେ ଭାରି ପଡୁଥିଲେ ତ' ଆଉ କେତେବେଳେ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ଉପରେ ଭାରି ପଡୁଥିଲେ । ଏହି ଯୁଦ୍ଧରେ ସାଲିମ, ହଜ଼ରତ ଅବୁ ହୁଜ଼ୈଫା , ହଜ଼ରତ ଜ଼ୈଦ ବିନ୍ ଖତ୍ତାବଙ୍କ ପରି ସମ୍ମାନିତ ସାହାବାମାନେ ଶହୀଦ ହୋଇଥିଲେ । ଯେତେବେଳେ ହଜ଼ରତ ଖାଲିଦ ର.ଅ ମୁସଲମାନମାନଙ୍କର ଏପରି ଶୋଚନୀୟ ଅବସ୍ଥା ଦେଖିଲେ ସେତେବେଳେ ସେ ପ୍ରତ୍ୟେକ ସଂପ୍ରଦାୟକୁ ପୃଥକ ପୃଥକ ହେବା ପାଇଁ ନିର୍ଦ୍ଦେଶ ଦେଲେ । କାରଣ ବିପଦର ଆକଳନ କରାଯାଇ ପାରିବ ଏବଂ ଜାଣି ହେବ ଯେ, କେଉଁ ଆଡୁ ମୁସଲମାନମାନଙ୍କ ଉପରେ ଆକ୍ରମଣ ହେଉଛି । ଏହିପରି ଭାବରେ ଯୁଦ୍ଧ ସମୟରେ ଧାଡ଼ି ଗୁଡ଼ିକୁ ପୃଥକ ପୃଥକ କରି ସଜାଇଲେ । ଏହା ଦେଖି ମୁସଲମାନମାନେ ପରସ୍ପରକୁ କହିବାକୁ ଲାଗିଲେ ଆଜି ଆମେ ଲଜ୍ଜା ଅନୁଭବ କରୁଅଛୁ । ଅର୍ଥାତ ଆମର ଏପରି ଅବସ୍ଥା ଅତ୍ୟନ୍ତ ଲଜ୍ଜାଜନକ କଥା ଅଟେ । ମୁସଲମାନମାନଙ୍କ ପାଇଁ ଏହାଠୁ ବଳି ଅନ୍ୟ କୌଣସି ଦୁର୍ଦ୍ଦିନ ନଥିଲା । ମୁସୈଲମା ଅଦ୍ୟାବଧି ନିଜ ସ୍ଥାନରେ ଅଟଳ ରହିଥିଲା ଏବଂ ଅବିଶ୍ୱାସକାରୀଙ୍କ ପଟରୁ ଯୁଦ୍ଧର କେନ୍ଦ୍ରବିନ୍ଦୁ ଥିଲା । ହଜ଼ରତ ଖାଲିଦ ର.ଅ ଏହା ସନ୍ଧାନ କରିନେଲେ ଯେ, ଯେପର୍ଯ୍ୟନ୍ତ ତାକୁ ବଧ କରାଯାଇ ନାହିଁ ସେପର୍ଯ୍ୟନ୍ତ ଯୁଦ୍ଧ ଥମିବ ବା ବିରାମ ହେବ  ନାହିଁ । ତେଣୁ ହଜ଼ରତ ଖାଲିଦ ର.ଅ ଆଗକୁ ବାହାରିଲେ ଏବଂ ସେ ଯୁଦ୍ଧାକାଂକ୍ଷିତ ହେଲେ ଏବଂ ଯୁଦ୍ଧୀୟ ସ୍ଲୋଗାନ ଦେଲେ ଯାହା ସେତେବେଳେ ପ୍ରଚଳିତ ଥିଲା ଅର୍ଥାତ **"ୟା ମହମ୍ମଦ"** ତେଣୁ ଯିଏବି ଯୁଦ୍ଧ କ୍ଷେତ୍ରକୁ ଆସିଲା ସେ ନିହତ ହେଲା । ହଜ଼ରତ ଖାଲିଦ ର.ଅ ମୁସୈଲମାକୁ ଡ଼ାକିଲେ ସେ ସାମ୍ନାକୁ ଆସିଲା ନାହିଁ ଏବଂ ନିଜ ସାଥୀମାନଙ୍କ ସହିତ ଖସିଯାଇ ନିଜର ଉଦ୍ୟାନରେ ଶରଣ ନେବା ପାଇଁ ବାଧ୍ୟ ହୋଇଥିଲା ଏବଂ ଉଦ୍ୟାନର ଦ୍ୱାରକୁ ରୁଦ୍ଧ କରିଦେଲା । ମୁସଲମାନମାନେ ସେହି ଉଦ୍ୟାନର ଘେରାଉ କରିନେଲେ । ମୁସଲମାନେ ଏକ ଯୁକ୍ତି ବା କୌଶଳ ମାଧ୍ୟମରେ ଦ୍ୱାରକୁ ଖୋଲି ଉଦ୍ୟାନରେ ପ୍ରବେଶ କରିଥିଲେ ଏବଂ ଉଭୟ ଦଳ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା । ୱହଶୀ ନାମକ ବ୍ୟକ୍ତି ମୁସୈଲମାକୁ ବଧ କରିଥିଲେ । ଏ ହେଉଛି ସେହି ୱହଶି ଯିଏ ଆଁହଜ଼ରତ ସ.ଅଙ୍କର ଚଚା ହଜ଼ରତ ହମଜ଼ା ର.ଅଙ୍କୁ ଶହୀଦ କରିଥିଲେ । ଉକ୍ତ ଯୁଦ୍ଧରେ ମୁସଲମାନ ତରଫୁ ୬୦୦ରୁ ଉର୍ଦ୍ଧ୍ୱ ପ୍ରବାସକାରୀ ଓ ଅନସାରମାନେ ଶହୀଦ ହୋଇଥିଲେ । ଅନ୍ୟପଟରେ ମୁସଲମାନମାନେ ବନୁ ହନିଫା ସଂପ୍ରଦାୟର ଇକ୍ରବା ଯୁଦ୍ଧ ଭୂମିରେ ୭୦୦୦ ଅବିଶ୍ୱାସକାରୀଙ୍କୁ ଓ ଉଦ୍ୟାନରେ ୭୦୦୦ ଅବିଶ୍ୱାସକାରୀଙ୍କୁ ପିଛା କରି ସେମାନଙ୍କୁ ନିହତ କରିଥିଲେ ।

ହୁଜ଼ୁର ଅନୱର ଅ.ବ କହିଲେ : ପରବର୍ତ୍ତୀ ସାହାବି ହେଉଛନ୍ତି **ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ମଖରୁମା ର.ଅ** । ସେ ପ୍ରାରମ୍ଭିକ କାଳରେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।  ହଜ଼ରତ ଅବଦଲ୍ଲାଃ ବିନ ମଖରୁମା ର.ଅଙ୍କୁ

ଦୁଇଟି ପ୍ରବାସ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା। ପ୍ରଥମ ପ୍ରବାସଟି ହେଉଛି ହବଶା ଆଡ଼କୁ ଏବଂ ଦ୍ୱିତୀୟ ପ୍ରବାସଟି ହେଉଛି ମଦିନା ଆଡ଼କୁ । ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ମଖରୁମା ର.ଅ ବଦର ଯୁଦ୍ଧ ଏବଂ ପରବର୍ତ୍ତୀ ଅନ୍ୟ ସମସ୍ତ ଯୁଦ୍ଧରେ ଶାମିଲ ହୋଇଥିଲେ । ବଦର ଯୁଦ୍ଧ ସମୟରେ ତାଙ୍କୁ ୩୦ ବର୍ଷ ବୟସ ହୋଇଥିଲା । ହଜ଼ରତ ଅବୁବକର ର.ଅଙ୍କ ଶାସନକାଳରେ ୟମାମା ଯୁଦ୍ଧରେ ପ୍ରାଣ ହରାଇ ସେ ବୀରଗତି ପ୍ରାପ୍ତ କରିଥିଲେ । ସେତେବେଳେ ତାଙ୍କୁ ପ୍ରାୟ ୪୧ ବର୍ଷ ବୟସ ହୋଇଥିଲା । ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ମୁଖରମା ର.ଅଙ୍କ ବୀରଗତି ପ୍ରାପ୍ତ କରିବାର ଯେଉଁ ଉତ୍ସାହ ବା ଅଭୀପସା ଥିଲା ତାହା ଅବର୍ଣ୍ଣନନୀୟ । ସୁତରାଂ ସେ ଅଲ୍ଲାଃତାଲାଙ୍କ ନିକଟରେ ଏହି ପ୍ରାର୍ଥନା କରୁଥିଲେ ଯେ, ହେ ଅଲ୍ଲାଃ ! ଯେପର୍ଯ୍ୟନ୍ତ ମୁଁ ନିଜ ଶରୀରର ପ୍ରତ୍ୟେକ ଗଣ୍ଠି ବା ସନ୍ଧିକୁ ଅଲ୍ଲାଃତାଲାଙ୍କ ମାର୍ଗରେ କ୍ଷତ ଲାଗିଥିବାର ନଦେଖି ନେଇଛି ସେପର୍ଯ୍ୟନ୍ତ ମୋତେ ମୃତ୍ୟୁ ପ୍ରଦାନ କରନ୍ତୁ ନାହିଁ । ସୁତରାଂ ୟମାମା ଯୁଦ୍ଧ ଦିନ ତାଙ୍କ ଗଣ୍ଠିରେ କ୍ଷତାଘାତ ଲାଗିଥିଲା । ଯଦ୍ୱାରା ସେ ବୀରଗତି ପ୍ରାପ୍ତ କରିଥିଲେ । ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ମଖରୁମା ର.ଅ ଅତି ଉପାସକ ବ୍ୟକ୍ତି ଥିଲେ । ସେ ଯୁବାବସ୍ଥାରେ ଅତିଶୟ ଉପାସନା କରୁଥିଲେ । ହଜ଼ରତ ଇବନେ ଉମର ବର୍ଣ୍ଣନା କରନ୍ତି ଯ, ୟମାମ ଯୁଦ୍ଧ ବର୍ଷରେ ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ମଖରୁମା ଓ ହଜ଼ରତ ହୁଜୈଫାଙ୍କ ସ୍ୱାଧୀନପ୍ରାପ୍ତ ଦାସ ହଜ଼ରତ ସାଲିମ ର.ଅ ଏକାଠି ଥିଲେ । ଆମେମାନେ ତିନି ଜଣ ପାଳି କରି ସୈନ୍ୟ ଦଳର ଛେଳି ଚରାଉଥିଲୁ । ସୁତରାଂ ଯେଉଁ ଦିନ ଯୁଦ୍ଧ ଆରମ୍ଭ ହେଲା ସେହି ଦିନ ଛେଳି ଚରାଇବାର ପାଳି ମୋର ଥିଲା । ଯେତେବେଳେ ମୁଁ ଛେଳି ଚରାଇ ଫେରିଲି ସେତେବେଳେ ମୁଁ ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ମଖରୁମା ର.ଅଙ୍କୁ ଯୁଦ୍ଧ କ୍ଷେତ୍ରରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବାର ଦେଖି ମୁଁ ତାଙ୍କ ପାଖରେ ଅଟକି ଗଲି। ସେ କହିଲେ ଯେ, ହେ ଅବ୍ଦୁଲ୍ଲାଃ ବିନ୍ ଉମର ! କ'ଣ ବ୍ରତଧାରୀମାନେ ଇଫତାରି କରି ଦେଇଛନ୍ତି । ମୁଁ ଉତ୍ତର ଦେଲି ଯେ, ହଁ । ପ୍ରତ୍ୟୁତ୍ତରରେ ସେମାନେ କହିଲେ ଯେ, ମୋତେ ଏହି ଢାଲରେ କିଛି ପାଣି ଦେଇ ଦିଅ ମୁଁ ଏହି ଜଳ ମାଧମରେ ଇଫତାରି କରିବି । ହଜ଼ରତ ଅବ୍ଦୁଲ୍ଲାଃ ବିନ୍ ଉମର ର.ଅ କହନ୍ତି ଯେ, ମୁଁ ଜଳ ଆଣିବାକୁ ଚାଲିଗଲି । କିନ୍ତୁ ଯେତେବେଳେ ମୁଁ ଫେରିଲି ସେତେବେଳେ ତାଙ୍କର ମୃତ୍ୟୁ ହୋଇ ସାରିଥିଲେ ।

ସେହିପରି ପରବର୍ତ୍ତୀ ସାହାବି ହେଉଛନ୍ତି **ହଜ଼ରତ ଅମ୍ର ବନ୍ ମାଆବଦ୍** ର.ଅ । ସେ ଅନସାରର ବନୁ ଓସ୍ ସଂପ୍ରଦାୟର ଶାଖା ବନୁ ଜବାୟାରର ଲୋକ ଥିଲେ। ବଦର ଯୁଦ୍ଧ ବ୍ୟତୀତ, ଓହୋଦ, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ରସଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ ହୋଇଥିଲେ। ହଜ଼ରତ ଅମ୍ର ବିନ୍ ମଆବଦ୍ ର.ଅ ହୁନୈନ ଯୁଦ୍ଧରେ ସେହି ୧୦୦ ଜଣ ସାହସୀ ଯୋଦ୍ଧା ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯେଉଁମାନଙ୍କୁ ଯେଉଁମାନଙ୍କର ଜୀବିକା ପାଇଁ ଅଲ୍ଲାଃତାଲା ହିଁ ଯଥେଷ୍ଟ ଥିଲେ । ସୁତରାଂ ଏହି ସାହାବାମାନେ ଆଁହଜ଼ରତ ସ.ଅଙ୍କ ସହିତ ଯୁଦ୍ଧ ଭୂମିରେ ଛିଡ଼ା ହୋଇଥିଲେ । ହୁଜୁର ଅନୱର ଅ.ବ କହିଲେ : ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ **ନୁମାନ ବନ୍ ମାଲକ ର.ଅ** । ତାଙ୍କୁ ନୁମାନ ବିନ୍ କୌକଲ ମଧ କହନ୍ତି । ହଜ଼ରତ ନୁମାନ ବିନ୍ ମାଲିକ ର.ଅଙ୍କ ଚାଲିରେ ଟିକିଏ ଛୋଟାଉଥିବାର ଦୃଶ୍ୟମାନ ହେଉଥିଲା। ତାଙ୍କର ସଂପର୍କ ଅନସାର ସଂପ୍ରଦାୟର ଖଜ଼ରଜର ଶାଖା ବନୁ ଗନମ ସହିତ ଥିଲା। ହଜ଼ରତ ନୁମାନ ବିନ୍ ମାଲିକ ବଦର ଏବଂ ଓହୋଦ ଯୁଦ୍ଧରେ ଶାମିଲ ହୋଇଥିଲେ ଏବଂ ଓହୋଦ ଯୁଦ୍ଧରେ ହିଁ ସେ ବୀର ଗତି ପ୍ରାପ୍ତ କରିଥିଲେ । ତାଙ୍କୁ ସଫୱାନ ବିନ୍ ମାଲିକ ନାମକ ବ୍ୟକ୍ତି ଶହୀଦ କରିଥିଲା। ହଜ଼ରତ ନୁମାନ ବିନ୍ ମାଲିକ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଓହୋଦ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ ସେତେବେଳେ ସେ ଆଁହଜ଼ରତ ସ.ଅଙ୍କୁ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ସ୍ୱର୍ଗରେ ନିଶ୍ଚୟ ପ୍ରବେଶ କରିବି । ହୁଜୁର ସ.ଅ ପଚାରିଲି ଯେ, ତାହା କିପରି ? ପ୍ରତ୍ୟୁତ୍ତରରେ ହଜ଼ରତ ନୁମାନ ର.ଅ କହିଲେ ଯେ, ମୁଁ ଏହି କାରଣରୁ ସ୍ୱର୍ଗାଲୋକରେ ପ୍ରବେଶ କରିବି ଯେ, ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହଁନ୍ତି ଏବଂ ଆପଣ ସ.ଅ ଅଲ୍ଲାଃତାଲାଙ୍କର ରସୁଲ (ପ୍ରେରିତଙ୍କ) ଅଟନ୍ତି ଏବଂ ମୁଁ ଯୁଦ୍ଧରୁ କେବେହେଲେ ପଶ୍ଚାତପଦ ଯିବି ନାହିଁ । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କହିଲେ ତୁମେ ସମ୍ପୂର୍ଣ୍ଣ ଠିକ୍ କହିଛ । ସୁତରାଂ ସେହି ଦିନ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଅଲ୍ଲାଃତାଲା ତାଙ୍କର ପ୍ରାର୍ଥନାକୁ ସ୍ୱୀକାର କରିନେଲେ । କାରଣ ମୁଁ ତାଙ୍କୁ ଦେଖଇଅଛି ଯେ, ସେ ସ୍ୱର୍ଗରେ ଚାଲୁଥିଲେ ଏବଂ ତାଙ୍କ ଠାରେ ଛୋଟେଇବାର ତଥା ଭାରସମ୍ୟ ହରାଇବାର କୌଣସି ଲକ୍ଷଣ ଦେଖାଯାଉ ନଥିଲା। ହଜ଼ରତ ଜାବିର ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ନୁମାନ ବିନ୍ କୌକଲ ର.ଅ ମସଜିଦରେ ପ୍ରବେଶ କଲେ ସେଦିନ ଶୁକ୍ରବାର ଥିଲା ଏବଂ ଆଁହଜ଼ରତ ସ.ଅ ଖୁତବା ଦେଉଥିଲେ । ନବୀ କରୀମ ସ.ଅ ତାଙ୍କୁ କହିଲେ ହେ ନୁମାନ ! ସର୍ବଦା

ସଂକ୍ଷେପରେ ଦୁଇ ରେକାତ ନମାଜ ପଢିବା ପାଇଁ ଚେଷ୍ଟା କର । ପୁନଶ୍ଚ ହୁଜୁର ସ.ଅ କହିଲେ ଯଦି ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଖୁତବା ଚାଲିଥିବା ଅବସ୍ଥାରେ ମସଜିଦରେ ପ୍ରବେଶ କରେ ଅର୍ଥାତ ଯେତେବେଳେ ଇମାମ ଖୁତବା ଜୁମା ଦେଉଥିବ ସେତେବେଳେ ତାକୁ (ଅର୍ଥାତ ସେହି ବ୍ୟକ୍ତିକୁ) ଦରକାର ଯେ, ସେ ପ୍ରଥମେ  ଦୁଇ ରେକତା ନମାଜ ପଢୁ ଏବଂ ସେହି ଦୁଇ ରେକାତ ନମାଜ଼ ସଂକ୍ଷିପ୍ତ ପାଠ କରିବା ଉଚିତ ।

ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ ଖୁବୈବ ବିନ୍ ଅଦି ଅନସାରୀ ର.ଅ । ହଜ଼ରତ ଖୁବୈବ ବିନ୍ ଅଦି ର.ଅ ବଦର ଯୁଦ୍ଧରେ ଶାମିଲ ହୋଇଥିଲେ ଏବଂ ସେହି ଯୁଦ୍ଧରେ ହାରିସ ବିନ୍ ଆମିର ର.ଅଙ୍କୁ ବଧ କରିଥିଲେ । ବଦର ଯୁଦ୍ଧରେ ଯୋଦ୍ଧାମାନଙ୍କର ସମସ୍ତ ଜିନିଷପତ୍ରର ଦାୟିତ୍ୱ ତାଙ୍କ ଅଧୀନରେ ଥିଲା। ହଜ଼ରତ ଖୁବୈବ ବିନ୍ ଅଦି ୪ ହିଜରୀରେ ରଜିଇ ଘଟଣାରେ ଶାମିଲ ଥିଲେ । ବୁଖାରୀରେ ରଜିଇ ଘଟଣାର ବୃତ୍ତାନ୍ତ ଏହିପରି ଭାବେ ଉଲ୍ଲେଖ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ୧୦ ଜଣିଆ ସଦସ୍ୟ ବିଶିଷ୍ଟ ଏକ ସୈନ୍ୟ ଦଳ ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ପ୍ରେରଣ କଲେ ଏବଂ ଆସିମ ବିନ୍ ସାବିତ ଅନସାରୀ ର.ଅଙ୍କୁ ସେମାନଙ୍କର ଅମୀର ରୂପେ ନିଯୁକ୍ତ କଲେ । ଯେତେବେଳେ ଉକ୍ତ ଲୋକମାନେ ବଦହା ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ସେମାନଙ୍କ ସଂପର୍କରେ କୌଣସି ବ୍ୟକ୍ତି ବନୁ ଲହୟାନ ସଂପ୍ରଦାୟକୁ ସୂଚିତ କରିଦେଲା। ଏହି ସୂଚନା ପାଇବା ମାତ୍ରେ ବନୁ ଲହୟାନ ସଂପ୍ରଦାୟର ପ୍ରାୟ ୨୦୦ ଜଣ ଲୋକ ଯେଉଁମାନେ ତୀରଚାଳନାକାରୀ ଥିଲେ ସେମାନେ ସମସ୍ତେ ବାହାରି ଆସିଲେ ଏବଂ ସେମାନଙ୍କ ପଦାଙ୍କ ଆନୁସରଣ କରି ସେମାନଙ୍କ ପଛେ ପଛେ ଗଲେ । ଯେତେବେଳେ ଆସିମ ଓ ତାଙ୍କ ସାଥୀମାନେ ସେମାନଙ୍କୁ ଆସୁଥିବାର ଦେଖିଲେ ସେତେବେଳେ ସେମାନେ ଏକ ଉଚ୍ଚ ଭୂମିରେ ଆଶ୍ରୟ ନେଇ ନେଲେ । ସେହି ଲୋକମାନେ ଏମାନଙ୍କୁ ଘେରିନେଲେ ଏବଂ ଏମାନଙ୍କୁ କହିବାକୁ ଲାଗିଲେ ଯେ,ତଳକୁ ଓହ୍ଲାଇ ଆସ ଏବଂ ନିଜକୁ ଆମ ଆଗରେ ଆତ୍ମ ସମର୍ପଣ କରିଦିଅ । ଆମେମାନେ ତୁମମାନଙ୍କୁ ପ୍ରତିଶୃତି ଦେଉଛୁ ଯେ, ଆମେମାନେ ତୁମମାନଙ୍କ ମଧ୍ୟରୁ କାହାରିକୁ ହତ୍ୟା କରିବୁ ନାହିଁ । ହଜ଼ରତ ଆସିମ ବିନ୍ ସାବିତ ର.ଅ କହିଲେ ଯେ, ମୁଁ ଅବିଶ୍ୱାସକାରୀଙ୍କ ପ୍ରତିଶୃମୂଳକ ଆଶ୍ରୟ ବା ସୁରକ୍ଷା ଉପରେ ଏହି ଉଚ୍ଚ ଭୂମି ଉପରୁ ତଳକୁ ଓହ୍ଲାଇବି ନାହିଁ । ପୁନଶ୍ଚ ସେ ଦୁଆ କଲେ ଯେ, ହେ ଅଲ୍ଲାଃ ନିଜ ନବୀଙ୍କୁ ଆମ ସଂପର୍କରେ ସୂଚନା ଦିଅ ! ସେହି ଲୋକମାନେ ତୀର ଚଳାଇ ଆସିମ ର.ଅଙ୍କ ସମେତ ୭ ଜଣ ସାହାବାମାନଙ୍କୁ ଶହୀଦ କରିଦେଲେ । ଏହି କରୁଣ ଦୃଶ୍ୟକୁ ଦେଖି ୩ ଜଣ ସାହାବା ସେମାନଙ୍କ ପ୍ରତିଶୃତି ଉପରେ ଭରସା କରି ତଳକୁ ଓହ୍ଲାଇ ଆସିଲେ । ସେମାନଙ୍କ ମଧ୍ୟରେ ଖୁବୈବ ଅନସାରୀ ର.ଅ ଏବଂ ଇବନେ ଦସନା ର.ଅ ଓ ଆଉ ଜଣେ ବ୍ୟକ୍ତି ରହିଥିଲେ। ଯେତେବେଳେ ତଳକୁ ଓହ୍ଲାଇ ଆସିଲେ ସେତେବେଳେ ଅବିଶ୍ୱାସକାରୀମାନେ ଏମାନଙ୍କୁ ଦୌଡ଼ି ଦ୍ୱାରା ବାନ୍ଧି ଦେଲେ । ତୃତୀୟ ବ୍ୟକ୍ତି ଜଣକ କହିଲେ ଏ ତ' ପ୍ରଥମ ବିଶ୍ୱାସଘାତକତା ଅଟେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ତୁମମାନଙ୍କ ସହିତ ଯିବି ନାହିଁ । ଯେଉଁ ସାହାବାମାନେ ଶହୀଦ ହୋଇଛନ୍ତି ସେହି ସାହାବାମାନେ ହିଁ ମୋ ପାଇଁ ଆଦର୍ଶ ଅଟନ୍ତି । ସେମାନେ ଆଙ୍କୁ ଟାଣିଲେ ଏବଂ ଦୁବିଧା ପକେଇବାକୁ ବହୁତ ଚେଷ୍ଟା କଲେ ଯେ, ସେ କୌଣସି ମତେ ସେମାନଙ୍କ ସହିତ ଚାଲନ୍ତୁ । କିନ୍ତୁ ସେ ଆଦୌ ରାଜି ହେଲେ ନାହିଁ । ପରିଶେଷରେ ସେହି ଅବିଶ୍ୱାସକାରୀମାନେ ଏହି ତୃତୀୟ ସାହାବାଙ୍କୁ ଶହୀଦ କରିଦେଲେ ଏବଂ ଖୁବୈବ ଓ ଦସନା ର.ଅଙ୍କୁ ଧରି ନେଇଗଲେ ଏବଂ ଦୁହିଁଙ୍କୁ ମକ୍କାରେ ନେଇ ବିକ୍ରି କରିଦେଲେ । ହଜ଼ରତ ଖୁବୈବ ର.ଅଙ୍କୁ ବନୁ ହାରିସ ବିନ୍ ଅମ୍ର ବିନ୍ ନୌଫଲ ବିନ୍ ଅବଦେ ମୁନାଫ କିଣି ନେଲେ । ଖୁବୈବ ତାଙ୍କ ପାଖରେ ବନ୍ଦୀ ହୋଇ ରହିଲେ । ହାରିସର ପୁତ୍ରୀ କହନ୍ତି ଯେ, ଖୁବୈବ ର.ଅ ବନ୍ଦୀ ଥିବା ଅବସ୍ଥାରେ ଦିନେ ତାଙ୍କୁ ଖୁର ମାଗିଲେ । ତେଣୁ ସେ ତାଙ୍କୁ ଖୁର ଦେଇଦେଲା । ସେ କହନ୍ତି ଯେ, ସେତେବେଳେ ମୋର ଅଜ୍ଞାତ ଅବସ୍ଥାରେ ମୋର ଗୋଟିଏ ପିଲା ଖୁବୈବ ର.ଅଙ୍କ ପାଖକୁ ଚାଲିଗଲା ଏବଂ ସେ ତାକୁ ନିଜର ଜଂଘ ଉପରେ ବସାଇ ଦେଲେ । ମୁଁ ଏହି ଦୃଶ୍ୟକୁ ଦେଖି ଏତେ ମାତ୍ରାରେ ଭୟଭୀତ ହୋଇଯାଇଥିଲି ଯେ, ଖୁବୈବ ର.ଅ ମୋ ଘାବରେଇବାର ଦୃଶ୍ୟକୁ ସ୍ପଷ୍ଟ ରୂପେ ମୋ ଚେହରାରୁ ଅନୁମାନ କରିନେଲେ ଏବଂ କହିଲେ ତୁମେ ଭୟ କରୁଛ କି ? ଯେ, ମୁଁ ଏହାକୁ ମାରି ଦେବି। ମୁଁ ତ' ଏପରି ନିର୍ଦ୍ଦୟୀ ନୁହେଁ ଯେ, ମୁଁ ଏପରି କରିବି। ହାରିସଙ୍କର ପୁତ୍ରୀ କହୁଥିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଖୁବୈବ ର.ଅଙ୍କ ବ୍ୟତୀତ ଏପରି କୈଦୀ କେବେହେଲେ ଦେଖି ନାହିଁ । ପୁନଶ୍ଚ ସେ କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ମୁଁ ଦିନେ ତାଙ୍କୁ ଦେଖିଲି ଯେ, ଅଙ୍ଗୁରର ପେଛା ତାଙ୍କ ହାତରେ ଥିଲା ଏବଂ ସେ ସେହି ପେଛାରେ ଅଙ୍ଗୁର ଖାଉଥିଲେ । ଅବଶ୍ୟ ସେ ଝିଞ୍ଜିରରେ ବା ଶିକୁଳିରେ

କବଳିତ ଥିଲେ ଏବଂ ସେହି ଋତୁରେ ମକ୍କାରେ କୌଣସି ଫଳ ମିଳୁ ନଥିଲା । ସେ କହନ୍ତି ଯ, ଏହା ଅଲ୍ଲାଃତାଲାଙ୍କ ତରଫରୁ ତାଙ୍କ ପାଇଁ ଖାଦ୍ୟ ଥିଲା ଯେଉଁ ଖାଦ୍ୟକୁ ଅଲ୍ଲାଃତାଲା ଖୁବୈବ ର.ଅଙ୍କୁ ପ୍ରଦାନ କରିଥିଲେ । ଯେତେବେଳେ ଲୋକମାନେ ତାଙ୍କୁ ଶହୀଦ କରିବା ପାଇଁ ହରମରୁ (ଅର୍ଥାତ୍ ମକ୍କା ଯାହାକୁ ନିଷିଦ୍ଧାଞ୍ଚଳ କୁହାଯାଏ) ବାହାରକୁ ନେଇଗଲେ । ସେତେବେଳେ ଖୁବୈବ ର.ଅ ସେମାନଙ୍କୁ କହିଲେ ଯେ, ଆଛା ଏଥର ମୋତେ ଅନୁମତି ଦିଅନ୍ତୁ ଯେ, ମୁଁ ଟିକିଏ ଦୁଇ ରେକାତ ନମାଜ଼ ପଢି ନିଏ । ସେମାନେ ଏଥିପାଇଁ ଅନୁମତି ପ୍ରଦାନ କଲେ, ଯାହାଫଳରେ କି ଖୁବୈବ ର.ଅ ଦୁଇ ରେକାତ ନମାଜ଼ ପଢିଲେ । ପୁନଶ୍ଚ ସେ ଅଲ୍ଲାଃତାଲାଙ୍କୁ ଦୁଆ କରିବା ଛଳରେ କହିଲେ ଯେ, ହେ ଅଲ୍ଲାଃ ! ଏମାନଙ୍କୁ ଗୋଟିଏ ଗୋଟିଏ କରି ସଂହାର କର । ତେଣୁ ସେ ଏହି କବିତା ପାଠ କଲେ ଯାହାର ଅନୁବାଦ ଯଥାକ୍ରମେ ଅଟେ ଯେ, ***ଯଦଓ ମୁଁ ମୁସଲମାନ ଥିବା ଅବସ୍ଥାରେ ଶହୀଦ ହେବାକୁ ଯାଉଛି ମୁଁ ଏଥିପ୍ରତ ଆଦୌ ଭ୍ରୂକ୍ଷେପ କରୁ ନାହିଁ ଯେ, ମୁଁ କେଉଁ ଦଗ ଆଡ଼କୁ ପତତ ହେବ ଏବଂ ମୋର ଏହ ପତତ ହେବା ଅଲ୍ଲାଃତାଲାଙ୍କ ପାଇଁ ହିଁ ଉଦ୍ଦିଷ୍ଟ ଏବଂ ଯଦ ସେ ଗ୍ଭହିଁବେ ତାହାହେଲେ ମୋର ଏହ ଖଣ୍ଡବଖଣ୍ଡିତ ଶରୀରକୁ ପୁନର୍ବାର ଯୋଡ଼ିଦେଇ ବରକତ୍ ପ୍ରଦାନ କରବେ।*** ପରିଶେଷରେ ହାରିସର ପୁତ୍ର ଉକ୍‌ବା ହଜ଼ରତ ଖୁବୈବ ର.ଅଙ୍କୁ ଶୀହଦ କରିଦେଲା ଏବଂ ସେ ଖୁବୈବ ର.ଅ ହିଁ ଅଟନ୍ତି ଯିଏ ପ୍ରତ୍ୟେକ ମୁସଲମାନମାନଙ୍କ ପାଇଁ ଦୁଇ ରେକାତ ସୁନ୍ନତ୍ ନାମଜ଼ ପଢିବାର ମୂଳଦୁଆ ପକାଇଥିଲେ ଏବଂ ଏହି ଶହୀଦ ଥିବା ଅବସ୍ଥାରେ ସେ ଝିଞ୍ଜିରରେ ବା ଶିକୁଳିରେ ବନ୍ଧା ହୋଇଥିଲେ । ଯେତେବେଳେ ହଜ଼ରତ ଖୁବୈବ ର.ଅଙ୍କୁ ଶହୀଦ କରାଗଲା ସେତେବେଳେ ସେ ଏହି ଦୁଆ ମଧ୍ୟ କରୁଥିଲେ ଯେ, ହେ ଅଲ୍ଲାଃ ! ମୋ ପାଖରେ ଏପରି କୌଣସି ମାଧ୍ୟମ ନାହିଁ ଯାହା ସାହାଯ୍ୟରେ ମୁଁ ଆଁହଜ଼ରତ ସ.ଅଙ୍କ ପାଖକୁ ସଲାମର ବାର୍ତ୍ତା ପହଞ୍ଚାଇ ପାରିବି । ଅତଃ ତୁମ୍ଭେ ସ୍ୱୟଂ ମୋ ତରଫରୁ ଆଁହଜ଼ରତ ସ.ଅଙ୍କୁ ସଲାମ ପହଞ୍ଚାଇ ଦିଅ। ସୁତରାଂ ଯେତେବେଳେ ହଜ଼ରତ ଖୁବୈବ ର.ଅ ଶହୀଦ ହେବା ପାଇଁ ତଖତା ଉପରକୁ ଚଢିଲେ ସେତେବେଳେ ସେ ପୁଣି ଦୁଆ କଲେ । କୁହାଯାଏ ଯେ, ଯେତେବେଳେ ଜଣେ ଅବିଶ୍ୱାସକାରୀ ଏହି ଦୁଆକୁ ଶୁଣିଲା ଯେ, اَللّٰهُمَّ اَحْصِهِمْ عَدَدًا وَ اقْتُلْهُمْ بَدَدًا ଅର୍ଥାତ ହେ ଅଲ୍ଲାଃ ସେମାନଙ୍କର ସଂଖ୍ୟାକୁ ଗଣିରଖ ଏବଂ ସେମାନଙ୍କୁ ଖୋଜି ଖୋଜି (ତିଳ ତିଳ) କରି ନିପାତ କର । ସେତବେଳେ ସେହି ଅବିଶ୍ୱାସକାରୀ ଜଣକ ଭୟଭୀତ ହୋଇ ଭୂମି ଉପରେ ଶୋଇ ପଡ଼ିଲା । କୁହାଯାଏ ଯେ, ଉକ୍ତ ଘଟଣାକୁ ବର୍ତ୍ତମାନ ବର୍ଷେ ପୂରି ନଥିଲା କି ବା ନପୂରୁଣୁ ସେହି ବ୍ୟକ୍ତି ବ୍ୟତୀତ ଯିଏ ଭୂମି ଉପରେ ଶୋଇ ପଡିଥିଲା, ହଜ଼ରତ ଖୁବୈବ ର.ଅଙ୍କୁ ଶହୀଦ୍ କରିବାରେ ଯେଉଁ ଲୋକମାନେ ଶାମିଲ ଥିଲେ ସେହି ସମସ୍ତ ଲୋକମାନେ ଜୀବିତ ରହିଲେ ନାହିଁ । ସେମାନେ ସମସ୍ତେ ନିହତ ହେଲେ । ଇତ୍ୟବସରରେ ଜିବ୍ରାଇଲ୍ ଅ.ସ ନବୀ କରୀମ ସ.ଅଙ୍କ ନିକଟକୁ ଆସିଲେ ଏବଂ ଆଁହଜ଼ରତ ସ.ଅଙ୍କୁ ଉକ୍ତ ଘଟଣାର ସୂଚନା ଦେଲେ । ସାହାବାମାନେ କହନ୍ତି ଯେ, ସେଦିନ ଆଁହଜ଼ରତ ସ.ଅ ବସିଥିଲେ ଏବଂ ହୁଜ଼ୁର ସ.ଅ କହିଲେ ! وَعَلَيْكُمُ السَّلَامُ يَا خُبَيْبِ ଅର୍ଥାତ ହେ ଖୁବୈବ ! ତୁମ୍ଭ ଉପରେ ଅଲ୍ଲାଃତାଲାଙ୍କର ଶାନ୍ତି ଅବତୀର୍ଣ୍ଣ ହେଉ ଏବଂ ହୁଜ଼ୁର ସ.ଅ କହିଲେ କୁରୈଶମାନେ ତାଙ୍କୁ ଶହୀଦ କରି ଦେଇଛନ୍ତି । ହୁଜ଼ୁର ଅନୱର ଅ.ବ କହିଲେ : ବର୍ତ୍ତମାନ ମୁଁ ଗୋଟିଏ ଘୋଷଣା କରିବାକୁ ଚାହୁଁଛି ଏବଂ ତାହା ହେଉଛି ଯେ, ତାରିଖେ ଅହେମଦିୟତ ବିଭାଗ ଏକ ୱେବସାଇଟ ଆରମ୍ଭ କରିଛି । ଯାହାକି ଉର୍ଦ୍ଦୁ ଏବଂ ଇଂରାଜୀ ଉଭୟ ଭାଷାରେ ଉପଲବ୍ଧ ଅଟେ । **ଇନଶା ଅଲ୍ଲାଃ** ନମାଜ଼ ଜୁମା ପରେ ମୁଁ ଏହାକୁ ଲଞ୍ଚ କରିବି । ଖୁତବାର ପରିଶେଷରେ ହୁଜ଼ୁର ଅନୱର ଅ.ବ କହିଲେ : ଏକ ଦୁଃଖଦ ସମ୍ବାଦ ହେଉଛି ଯେ, ଆମର ଜଣେ ପୂର୍ବତନ ମିଶନାରୀ ଯାହାଙ୍କର ନାମ ସଫିଉର ରେହମାନ ଖୁରଶିଦ ସାହେବ । ତାଙ୍କର ବିୟୋଗ ସେପ୍ଟେମ୍ବର ମାସ ୧୬ ତାରିଖ ଦିନ ୭୫ ବର୍ଷ ବୟସରେ ହୃଦଘାତ କାରଣରୁ ହୋଇଛି । اِنَّا لِلّٰهِ وَ اِنَّا اِلَيْهِ رٰجِعُوْنَ । ମୁଁ ତାଙ୍କର ନମାଜ଼ ଯନାଜ଼ାଃ ଗାଏବ ପଢେଇବି ସେ ହଜ଼ରତ ମୌଲବୀ କୁଦରତୁଲ୍ଲାଃ ସନୱରୀ ସାହବଙ୍କ ପୌତ୍ର ଯିଏ ହଜ଼ରତ ମସିହ୍ ମଉଦ ଅ.ସଙ୍କର ସାହାବୀ ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ସ୍ୱର୍ଗରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

<u>KHULASA KHUTBA JUMA HUZOOR ANWAR a.b.a</u>

**..................................................**

**<u>20th Sep 2019</u>**